# Akashvani, Sambalpur

## SAMBALPURI NEWS BULLETIN

### 11 January 2026 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ସମ୍ବଲ୍‌ପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ୨ ଦିନିଆ ସମ୍ବଲପୁର୍ ଗସ୍ତର ଆଏଜ୍ ୨ ନମ୍ବର୍ ଦିନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଏଜ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଲାଗିକରି ଥିବା ଜମାଦାର୍‌ପାଲି ନ ସମ୍ବଲ୍‌ପୁର୍ ସହର୍ ଲାଗି ୨୪ ଘଂଟିଆ ପିଇବାର୍ ପାଏନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ତାର୍ ଉତ୍‌ରୁ ସଦର୍ ମହକୁମା ନ ନୂଆଁ ଟ୍ରମା କେୟାର୍ କୁଠା, ଓପିଡି ଆଉ ସିଏସ୍‌ଏସ୍‌ଡି କୁଠାର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ବଜେଟ୍ ପରାମର୍ଶ ବୈଠକ୍         ଆଇ.ଆଣ୍ଣ.ପି.ଆର୍

୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ଲାଗି ପ୍ରସ୍ତାବ୍ ଗ୍ରହଣ୍ ଉଦ୍ଦେଶ୍ୟେଥି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ନୂଆଦିଲ୍ଲୀ ନ ବଜେଟ୍ ପରାମର୍ଶ ବୈଠକ୍ ହେଇଯାଇଛେ । ଇଥି ସବୁ ରାଜ୍ୟ ଆଉ

କେନ୍ଦ୍ରଶାସିତ୍ ଅଂଚଲ୍‌ର ଅର୍ଥମନ୍ତ୍ରୀମାନେ ସାମିଲ୍ ହେଇଥିବାର୍ ବେଲେ ଓଡ଼ିଶା ତର୍‌ଫୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍‌ଦେଇଥିଲେ । ପର୍ଯ୍ୟଟନ୍, ଜଲ୍‌ଜୀବନ୍ ମିଶନ୍, ଧାନ୍‌ଘିନା କାର୍ଯ୍ୟକ୍ରମ୍ ସହେତେ ୯ ଟା ବିଷେ ଉପ୍‌ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବୈଠକ୍‌ଥି ଆଲୋକ୍‌ପାତ କରିଥିଲେ । ଓଡ଼ିଶା ତର୍‌ଫୁ ଉଠାଯାଇଥିବା ଦାବି ଆଉ ପ୍ରସ୍ତାବ୍ ମାନ୍‌କେ ଗଭୀରତାର୍ ସହେତେ ବିଚାର୍ କରାଯିବା ବଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ୍ ଆଶ୍ୱାସନା ଦେଇଛନ୍ ।

ଶିଶିର ସରସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତିରାଜ୍ ଆଉ ପାନୀୟ ଜଲ ବିଭାଗ୍ ଅଧୀନ୍‌ଥି ଥିବା ଓଡ଼ିଶା ଗ୍ରାମୀଣ୍ ବିକାଶ୍ ଆଉ ମାର୍କେଟିଂ ସୋସାଇଟି - ଓର୍‌ମାସ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ୟୁନିଟ୍- ୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଶିଶିର ସରସ - ୨୦୨୬ ମେଳା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାକେ ଉଦ୍‌ଘାଟନ୍ କରିଛନ୍ । ଭୋକାଲ୍ ଫର୍ ଲୋକାଲ୍ ଆହ୍ୱାନ୍‌କେ ସାକାର୍ କରୁଥିବା ଇ ମେଳା ସ୍ୱଦେଶୀ ଆଉ ଜି-ଆଇ ଟେଗ୍ ପାଇଥିବା ସମ୍ବଲ୍‌ପୁରୀ ଆଉ ସୁବର୍ଣ୍ଣପୁର୍ ହସ୍ତତନ୍ତ, କୋରାପୁଟ୍‌ର କଲାଜିରା ଚାଉଲ୍ ଆଉ ସୁନ୍ଦର୍‌ଗଡ୍‌ର ମଡ଼ିଆ ବାଗିର୍ ଦରବ୍ ଜାତୀୟ

ସ୍ତର୍ ନ ପରିଚୟ ପାଉଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ । ଆଏବା ୧୮ ତାରିଖ୍‌ତକ୍ ହେବାର୍‌କେ ଥିବା ମେଲାଥି ୩ ଶହ ୪୦ ଟା ଷ୍ଟଲ୍ ଲାଗିଛେ ।

ମୁଖ୍ୟ ଶାସନ୍ ସଚିବ- ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଶକ୍ତିବିଭାଗ୍‌ର ଚାଲିଥିବା ଭିନ୍ ଭିନ୍ କାମ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଦ୍ୟୁତ୍ ସଂସ୍ଥାମାନ୍‌କୁ ଶକ୍ତି ଉତ୍ପାଦନ୍ ଆଉ ବାଂଟ୍‌ବାର୍ କ୍ଷେତ୍ର ବିଷେ ଉପ୍‌ରେ ଆଲୋଚନା କରାଯାଇଛେ । ରାଜ୍ୟର୍ ଲୁକ୍‌କୁ ସୁଲଭ ନିରବଛିନ୍ନ ଆଉ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ମୁଖ୍ୟ ଶାସନ୍ ସଚିବ ଜୋର୍ ଦେଇଛନ୍ । ଇତାର୍‌ସହେତେ ଭୁବ୍‌ନେଶ୍ୱର୍ ସହେତେ କେନ୍ଦୁଝର୍, ଝାର୍‌ସୁଗୁଡ଼ା- ସମ୍ବଲ୍‌ପୁର୍ ଇଲାକା, ବର୍‌ଗଡ଼୍ ସାରସ୍‌ମାଲ୍ ଇଲାକା, ଥେରୁବାଲି- ଜୟପୁର୍ ଇଲାକା ଆଉ ବ୍ରହ୍ମପୁର୍- ବାଲିଗୁଡ଼ା ଇଲାକା ନ ୨ ଶହ ୨୦ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ର ରି-ନେଟ୍‌ୱାର୍କ ବିକାଶ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ମୁଖ୍ୟ ଶାସନ୍ ସଚିବ ପରାମର୍ଶ ଦେଇଛନ୍ ।

ବନ୍ଦେ ମାତରମ୍ ଗାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଆଉ ଜାତୀୟ ଯୁବ ଦିବସ୍ ଅବ୍ସରେ ଆଏବା କାଏଲ୍ ରାଜ୍ୟର୍ ସବୁ ବିଦ୍ୟାଲୟ, ମହାବିଦ୍ୟାଲୟ ଆଉ ବିଶ୍ୱବିଦ୍ୟାଲୟ ନ ବନ୍ଦେ ମାତରମ୍ର ସାମୂହିକ୍ ଗାନ କରାଯିବା । ଇଥିର୍ଲାଗି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍ଫୁ ସବୁ ଜିଲ୍ଲାପାଲ୍ମାନ୍କୁ ଚିଠି କରାଯାଇଛେ । ବିଭାଗ୍ର ନିର୍ଦ୍ଦେଶ୍ ଅନ୍ସାରେ ସଖାଲର୍ ୧୧ ବଜେ ଶିକ୍ଷାନୁଷ୍ଠାନ୍ ପରିସର୍ ନ ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ ସଭେ ଏକ୍ଠାନିଆ ହେଇକରି ବନ୍ଦେ ମାତରମ୍ ଗାଏବେ ।

ଆନ୍ତର୍ଜାତୀୟ ବୁଦ୍ଧ ସମ୍ମିଲନୀ          ଆଇ.ଆଣ୍ଡ.ପି.ଆର୍

ରାଜ୍ୟ ସର୍କାର୍ଙ୍କର୍ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହର ୨ ନମ୍ବର୍ ସଂସ୍କରଣ୍ ଆଉ ଆନ୍ତର୍ଜାତୀୟ ବୁଦ୍ଧ ସମ୍ମିଲନୀ ଆଏଜ୍ଠାନୁ ମୁଲ୍ ହେଉଛେ । ବୁଦ୍ଧ ପୀଠ, ରତ୍ନଗିରି- ଉଦୟଗିରି- ଲଳିତଗିରି ଠାନେ ଆଏବା ୧୬ ତାରିଖ୍ତକ୍ ଇ କାର୍ଯ୍ୟକ୍ରମ୍ ଚାଲ୍ବା । କାର୍ଯ୍ୟକ୍ରମ୍ଥି ଦେଶ୍, ବିଦେଶ୍ର ବୁଦ୍ଧ ଗୁରୁ, ଧର୍ମାବଲମ୍ବୀ, ଗବେଷକ ଆଉ ବିଶିଷ୍ଟ ଐତିହାସିକ୍ ମାନେ ଯୋଗ୍ ଦେବେ ।

ପ୍ରଗତି ପ୍ଲାଟ୍‌ଫର୍ମ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ହେଇଥିବା ପ୍ରଗତି ପ୍ଲାଟ୍‌ଫର୍ମ ଦେଶର୍ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ କାମ୍‌କେ ତୁର୍‌ତି କର୍‌ବାର୍‌ଥି ବଡ଼ ଭୂମିକା ନଉଛେ । ଇ ପ୍ଲାଟ୍‌ଫର୍ମ ଜରିଏ ୮୫ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ହେଇଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ ପ୍ରକଳ୍ପମାନ୍‌କର୍ ସମୀକ୍ଷା କରାଯାଇକରି ସେଟାମାନ୍‌କୁ ତୁର୍‌ତି କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ନିଜେ ୩ ଶହ ୭୭ ଟା ପ୍ରମୁଖ ଯୋଜ୍‌ନାର୍ ମାନ୍‌କର୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ୫ ଟା ଉଚ୍ଚସ୍ତରୀୟ ବୈଠକ୍‌ଥି ଭିନ୍ ଭିନ୍ ପ୍ରକଳ୍ପର୍ ଗତି ଆଉ ଦର୍‌କାରୀ ପରାମର୍ଶକେ ନେଇକରି ଆଲୋଚନା ଭିଲ୍ ହେଇଛେ ।

ବୋଡ଼ାସମ୍ବର୍ କପ୍ କ୍ରିକେଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଦମ୍‌ପୁର୍ ଆର୍.ବି. ହାଇସ୍କୁଲ୍ ପଡ଼ିଆ ଠାନେ ବୋଡ଼ାସମ୍ବର୍ ସ୍ପୋର୍ଟ୍ସ ତର୍‌ଫୁ ଗଲାକାଏଲ୍ ସର୍ବଭାରତୀୟ ବୋଡ଼ାସମ୍ବର୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଘାଟିତ୍ ହେଇଯାଇଛେ । ବିଧାୟିକା ବର୍ଷା ସିଂ ବରିହା ଟୁର୍ଣ୍ଣାମେଂଟ୍‌କେ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ ମେଚ୍ ପଦମ୍‌ପୁର୍

ଆଉ ରାଉର୍‌କେଲା ଭିତ୍‌ରେ ଖେଲାଯାଇଥିଲା । ରାଉର୍‌କେଲା ଦଲ୍ ପଦମ୍‌ପୁର୍ ଦଲ୍‌କେ ଶହେ ୨ ରନ୍‌ଥି ହରେଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ହେଇପାରେ । ଗଲାକାଏଲ୍ ରାଉର୍‌କେଲା ନ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୪ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ । ସେନ୍ତା ଝାର୍‌ସୁଗୁଡ଼ା ନ ୪ ଦଶ୍‌ମିକ୍ ୫, ସୁନ୍ଦର୍‌ଗଡ଼୍ ନ ୬ ଦଶ୍‌ମିକ୍ ୮, ସମ୍ବଲ୍‌ପୁର୍ ନ ୯ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।